## ସଂକ୍ଷେପରେ

### ୬୫ ଛାତ୍ରୀଛାତ୍ର ଦେଲେ ପରୀକ୍ଷା

ବଇଣ୍ଡା,୩।୩(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଯୁକ୍ତ ୨ ବିଜ୍ଞାନ ପରୀକ୍ଷା। ପ୍ରଥମ ଦିନରେ ୬୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୫ ଜଣ ପରୀକ୍ଷା ଦେଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ହୋଇଥିବାବେଳେ ସମସ୍ତ କକ୍ଷରେ ସିସିଟିଭି ଲଗାଯାଇଛି। ସୁପରିଣ୍ଟେଣ୍ଡେଣ୍ଟ ସିଦ୍ଧାର୍ଥ ପଣ୍ଡା, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ସାହୁ ସମସ୍ତ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିବା ସହ ପରୀକ୍ଷା ପରିଚାଳନା କରିଥିଲେ। ସ୍ୱତନ୍ତ୍ର ସ୍କ୍ୱାଡ୍ ଭାବେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ପରୀକ୍ଷା କେନ୍ଦ୍ର, ପ୍ରଶ୍ନପତ୍ର ରଖାଯାଇଥିବା ଗୃହ ବୁଲି ଦେଖିବା ସହ ପରୀକ୍ଷା ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ।

### କମେଣ୍ଟ ମରାକୁ ନେଇ ଆକ୍ରମଣ

ବଇଣ୍ଡା,୩।୩(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଟାପଡୋଲ ନିକଟସ୍ଥ ଦଳିତ ସାହିର ରିଙ୍କୁ ଗୋଚ୍ଛାୟତଙ୍କୁ କୋଡ଼ାସାହି ଗ୍ରାମର ମକାରୁ ବେହେରା, ଅଧୀନ ବେହେରା, ସୁଶାନ୍ତ ବେହେରା, ମାନସ ବେହେରା ସୋମବାର ମରଣାନ୍ତକ ଆକ୍ରମଣ କରିଥିବା ମଙ୍ଗଳବାର ରିଙ୍କୁଙ୍କ ମା' ସୁମିତ୍ରା ଗୋଚ୍ଛାୟତ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କିଛିଦିନ ତଳେ ଦଳିତ ସାହିର ଜଣେ ଯୁବତୀଙ୍କୁ କୋଡ଼ାସାହି ଗ୍ରାମର କେତେଜଣ ଯୁବକ କମେଣ୍ଟ ମାରିଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ରବିବାର ରିଙ୍କୁ କୋଡ଼ାସାହି ଗ୍ରାମକୁ ଯାଇ କମେଣ୍ଟମରା ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ଗ୍ରାମର ମକାରୁ, ଅଧୀନ, ସୁଶାନ୍ତ ଓ ମାନସ ସୋମବାର ରାତିରେ ରିଙ୍କୁଙ୍କୁ ଏକୁଟିଆ ପାଇ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଚୋରା କୋଇଲା ଗାଡ଼ି ଜବତ, ୪ ଗିରଫ



ତାଳଚେର, ୩।୩(ନି.ପ୍ର.)- ତାଳଚେର ସଦର ପୋଲିସ ସୋମବାର ରାତିରେ ୨ଟି ଚୋରା କୋଇଲା ବୋଝେଇ ଟ୍ରକ୍‌କୁ ଜବତ କରିଛି। ବାଙ୍କଧରାରୁ ବାଲୁଙ୍ଗା ମଧ୍ୟରେ ଥିବା ପାହାଡ ଉପରେ ଚୋରା କୋଇଲା ଲୋଡିଂ କରୁଥିବା ବେଳେ ଏକ ଟ୍ରକ୍ (ନଂ. ଓଆର୦୪ଜି-୯୩୪୬)କୁ ପୋଲିସ ଜବତ କରିବା ସହିତ ଚାଳକ ବିହାରର ଗୁଡୁ ସିଂହଙ୍କୁ ଗିରଫ କରିଥିଲା। ଉକ୍ତ ଟ୍ରକ୍‌ରେ ୧୬ ଟନ୍ ଚୋରା କୋଇଲା ଥିବା ତଦନ୍ତ ବେଳେ ଜଣାପଡିଥିଲା। ସେହିପରି କଣ୍ଡାଳ ଜଙ୍ଗଲରୁ ଆଉ ଏକ ଟ୍ରକ୍ (ନଂ. ଓଆର୦୪ଏଚ୍ - ୭୭୪୫) ରେ ୧୫ ଟନ୍ ଚୋରା କୋଇଲା ବୋଝେଇ ହେଉଥିବା ବେଳେ ପୋଲିସ ତାହାକୁ ଜବତ କରିଥିଲା। ଏଥିସହ ଚାଳକ ଘନ ଓରଫ ଘନଶ୍ୟାମ ନାଏକ, ଡାକ୍ତର ନାଏକ, ନିର୍ମଳ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୋଲିସ୍ ସୂତ୍ରରୁ ପ୍ରକାଶ। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନଂ. ୮୪/୨୦ ଓ ୮୫/୨୦ରେ ଦୁଇଟି ମାମଲା ରୁଜୁ ହୋଇଛି।

# ପଟୁରେ ପୋତିହେଲାଣି ଆଉଁଳି

ଛେଣ୍ଡିପଦା, ୩।୩(ସ୍ୱ.ପ୍ର.)



ଆଉଁଳି ଜଳସେଚନ ପ୍ରକଳ୍ପ।

- ଅଚଳ ହେବାକୁ ବସିଲାଣି ସ୍ଲୁଇସ୍ ଗେଟ୍
- କାଠ ଢିରା ଦେଇ ଅଟକାଯାଉଛି ଜଳ
- ଶୁଣୁନି ବିଭାଗ, ଚାଷୀମହଲରେ ଅସନ୍ତୋଷ

ଅଣଜଳସେଚିତ ଜମିକୁ ଜଳସେଚିତ କରି ଚାଷୀଙ୍କ ମୁହଁରେ ହସ ଫୁଟାଇବାକୁ ଦୀର୍ଘ ୫୦ ବର୍ଷ ତଳେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଆରମ୍ଭ ହୋଇଥିଲା ଆଉଁଳି ଜଳସେଚନ ପ୍ରକଳ୍ପ। ହେଲେ ଏହି ଦୀର୍ଘବର୍ଷ ମଧ୍ୟରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ପ୍ରକଳ୍ପ ପଟୁରେ ପୋତିହେବାକୁ ବସିଲାଣି। ସ୍ଥିତି ଏପରି ହେଲାଣି ଯେ ପ୍ରକଳ୍ପର ସ୍ଲୁଇସ୍‌ଗେଟ୍ ଗୁଡ଼ିକୁ କାଠ ଢିରା ଦେଇ ଅଟକାଇବାକୁ ପଡୁଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରି ଚାଲିଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ତୁରନ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ କରାଯିବାକୁ ଦାବି ହୋଇଛି।

ସୂଚନାରୁ ଜଣାଯାଏ, ୧୯୬୪ରେ ଛେଣ୍ଡିପଦାରେ ଆଉଁଳି ମଧ୍ୟମ ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟକ୍ଷମ ପରେ ଦୀର୍ଘ ୩୦ କିମିରୁ ଉର୍ଦ୍ଧ୍ୱ କେନାଲ ଦ୍ୱାରା ୨୨୭୧ ହେକ୍ଟର ଜମିକୁ ଜଳସେଚିତ କରାଯାଇଥିଲା। ବିଶେଷକରି କର୍ଣ୍ଣପାଳ, କଣଲୋଇ, ନୂଆଗାଁ, ଭାଲିଆସର, ଡଙ୍ଗାପାଳ, ମାରୁଢିପ, ତେଲିସାହି, ଜରିପାଳ ଆଦି ଅଞ୍ଚଳର ୫୨୫ ହେକ୍ଟର ରବି ଋତୁରେ ଓ ୧୭୪୬ ହେକ୍ଟରକୁ ଖରିଫ ଋତୁରେ ପାଣି ମଡ଼ାଯାଇ ଚାଷ କରାଯାଉଥିଲା। ହେଲେ ଏବେ ପ୍ରକଳ୍ପର ସ୍ଲୁଇସ୍‌ଗେଟ୍ ଗୁଡିକ ଅଚଳ ହୋଇଗଲାଣି। ଏପରିକି ଅନେକ ଯନ୍ତ୍ରାଂଶ ମଧ୍ୟ ଚୋରି ହୋଇଗଲାଣି। ଫଳରେ ନଦୀରେ ଲାଗିଥିବା ସ୍ୱୟଂଚାଳିତ ଗେଟ୍ ଓ ସ୍ଲୁଇସ୍‌ଗେଟ୍ ଠିକ୍ ଭାବେ କାର୍ଯ୍ୟକରୁ ନ ଥିବାରୁ ପଟୁରେ ପ୍ରକଳ୍ପ ପୋତି ହୋଇ କେନାଲଗୁଡିକରେ ଜଳ ପ୍ରବାହିତ ବନ୍ଦ ହେବାକୁ ବସିଲାଣି। ୩ଟି ସ୍ଲୁଇସ୍‌ଗେଟ୍ ଦୀର୍ଘ ୨ ବର୍ଷ ହେଲାଣି ଅଚଳ ହୋଇଥିବା ବେଳେ ସ୍ୱୟଂଚାଳିତ ସ୍ଲୁଇସ୍‌ଗେଟ୍ ୮ ମାସ ହେଲା କାମ କରୁନି। ଉକ୍ତ ଗେଟ୍‌କୁ ଚାଷୀମାନେ କାଠ ଢିରା ଦେଇ ନଦୀଜଳକୁ ଅଟକାଇ ଜଳସେଚନ କରୁଛନ୍ତି। ଏହାର ମରାମତି ନିମନ୍ତେ ଅଞ୍ଚଳବାସୀ ଦୀର୍ଘ ଦିନ ହେବ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ଦୃଷ୍ଟି ଦିଆଯାଉ ନ ଥିବ ସେମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଦିଲୀପ କୁମାର ରଥ କୁହନ୍ତି, ଉକ୍ତ ପ୍ରକଳ୍ପ ମରାମତି ନିମନ୍ତେ ମେକାନିକାଲ ବିଭାଗକୁ ଜଣାଇ ଦିଆଯାଇଛି। ଚଳିତ ଖରିଫ ଋତୁ ସୁଦ୍ଧା ପ୍ରକଳ୍ପ ମରାମତି କାର୍ଯ୍ୟ ଶେଷ କରାଯିବ ଏବଂ ଚାଷୀମାନଙ୍କୁ ଜଳସେଚନ ନିମନ୍ତେ କୌଣସି ଅସୁବିଧା ହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# ଆଠମଲ୍ଲିକରେ ହେଉ ଇନ୍‌ଡୋର ଷ୍ଟାଡିୟମ

ବଇଣ୍ଡା,୩।୩(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ସଦର ମହକୁମାରେ ଏକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ

**ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀଙ୍କ ନିକଟରେ ବିଧାୟକଙ୍କ ଦାବି**

ନିକଟରେ ଦାବି କରିଛନ୍ତି। ଦାବିପତ୍ରରେ ବିଧାୟକ ଉଲ୍ଲେଖ କରିଛନ୍ତି ଯେ, ଆଠମଲ୍ଲିକ ତଥା ଏହାର ଆଖପାଖ ଅଞ୍ଚଳରେ ବହୁ କ୍ରୀଡ଼ା ପ୍ରତିଭା ସୃଷ୍ଟି ହୋଇଛନ୍ତି। ବିଭିନ୍ନ ଖେଳରେ ସେମାନେ ରାଜ୍ୟ ଓ ରାଜ୍ୟ ବାହାରେ ମଧ୍ୟ ଆଠମଲ୍ଲିକକୁ ପରିଚିତ କରାଇଛନ୍ତି। ହେଲେ ଏଠାରେ କ୍ରୀଡ଼ାର ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ବିଶେଷକରି ଆଠମଲ୍ଲିକରେ ଏକ ଇନ୍‌ଡୋର ଷ୍ଟାଡିୟମର ଆବଶ୍ୟକତା ରହିଛି। ଏ ନେଇ ଦୀର୍ଘବର୍ଷ ହେଲା ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଛନ୍ତି। ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ୨୫ ଲକ୍ଷ ଟଙ୍କା ମଞ୍ଜୁର କରିବା ସହ ଆଠମଲ୍ଲିକ ସଦର ମହକୁମାଠାରେ ଏକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବା ପାଇଁ ବିଧାୟକ ସାଏ ଦାବି କରିଛନ୍ତି।

# ପର୍ଯ୍ୟଟନ କ୍ଷେତ୍ର ପାଇଁ ପ୍ରଚେଷ୍ଟା ଜାରି ରହିଛି



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଅନୁଗୋଳ ଅଫିସ୍, ୩।୩

**ମହିମା ମହୋତ୍ସବ-୨୦୨୦ ଉଦ୍‌ଯାପିତ**

ପର୍ଯ୍ୟଟନ ପାଇଁ ଅଙ୍ଗାରବନ୍ଧ ମହିମା ଧାମ ଏକ ପ୍ରକୃଷ୍ଟ କ୍ଷେତ୍ର। ଏହାକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଥିବା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ମହିମା ଧାମ ପର୍ଯ୍ୟନ୍ତ ଏକ ରାସ୍ତାକୁ ପୂର୍ତ୍ତ ବିଭାଗ ଜରିଆରେ ନିର୍ମାଣ କରାଯାଉଥିବାବେଳେ ବିଜୁ ସେତୁ ଯୋଜନାରେ ଏକ ସେତୁ ମଧ୍ୟ ନିର୍ମାଣ କରାଯାଇଛି। ଏଭଳି ବର୍ଣ୍ଣାଢ୍ୟ ମହୋତ୍ସବ ନିଶ୍ଚିତ ପକ୍ଷେ ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିପାରିବ। ମହୋତ୍ସବରେ ମୁଖ୍ୟବକ୍ତା ଥିବା ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମହିମା ଧର୍ମ ଉପ୍ତି ହିଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କାର୍ଯ୍ୟ କରିବାର ଏକ ଅତ୍ୟାଧୁନିକ ପଦ୍ଧତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥ, ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ନାଲ୍‌କୋ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ଚଳଚ୍ଚିତ୍ର ତଥା ଧାରାବାହିକ ଅଭିନେତା ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳତା ଓ ମହିମା ଧାମକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ତୁରନ୍ତ ପ୍ରଦାନ ଆବଶ୍ୟକ ବୋଲି କହିଥିଲେ। ଏହି ମହୋତ୍ସବରେ ଚଳଚ୍ଚିତ୍ର ତାରକା ଅଶୋକ ଦାସ, କୁମାର ଭୀମସେନ, କୃଷ୍ଣଚନ୍ଦ୍ର ପ୍ରଧାନ, ପରମାନନ୍ଦ ଦେହୁରୀ, ଗୋପାଳ ନାଥ, ବିଜ୍ଞାନୀ ବେହେରା, ଉପେନ୍ଦ୍ର ଶର୍ମା, ବିନୋଦ ସାମଲ ପ୍ରମୁଖଙ୍କୁ ମୁଖ୍ୟଅତିଥି ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ସମାରୋହରେ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହାଇଦ୍ରାବାଦ୍, କଲିକତା ସହ ଅନୁଗୋଳ ଜିଲାର ବହୁ କଳାକାର କଳା ପ୍ରଦର୍ଶନ କରିଥିଲେ। ଅଙ୍ଗାରବନ୍ଧ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ସଙ୍ଗଠନ ସମ୍ପାଦକ ବିଜ୍ଞାନୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଟ୍ରକ୍ ଧକ୍କାରେ ଯୁବକ ମୃତ

କଣିହାଁ,୩।୩(ଡି.ଏନ.ଏ.)

**କ୍ଷତିପୂରଣ ଦାବିରେ ଆନ୍ଦୋଳନ**

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଗ୍ରାମର କୁଲୁମା-ବାଲିପଶି କୁଆଁରି ରାସ୍ତାରେ ମଙ୍ଗଳବାର ଏକ ହାଇୱା ଧକ୍କାରେ ସ୍ଥାନୀୟ ଅଞ୍ଚଳର ଗଣେଶ୍ୱର ସାମଲ(୮୦)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଟ୍ରକ୍ ମାଲିକଙ୍କୁ ଗିରଫ କରିବା ସହ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଉପରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଖବରପାଇ ରେଙ୍ଗାଳି ଡ୍ୟାମ୍ ସାଇଟ ଥାନା ଆଇଆଇସି ସରୋଜକାନ୍ତ ସାମଲ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ଜୀବନବୀମା ବାବଦରେ ୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରିବାର ଲୋକଙ୍କ ଅଭିଯୋଗକ୍ରମେ ନଂ. ୨୭/୨୦ରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗଣେଶ୍ୱର ସକାଳେ ଶୌଚ ପାଇଁ ଯାଉଥିବାବେଳେ ଦ୍ରୁତଗତିରେ ଯାଉଥିବା ହାଇୱା ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ପାଲଲହଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ପ୍ରକାଶ କରିଛନ୍ତି।



ଦୁର୍ଘଟଣାପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

# ପାଠ୍ୟୋପକରଣ ବଣ୍ଟନ

ତାଳଚେର,୩।୩(ନି.ପ୍ର.)

ମାନବ ଉତ୍‌ଥାନ ସେବା ସମିତି ହରିଦ୍ୱାର ଆନୁକୂଲ୍ୟରେ ଗୋପାଳପ୍ରସାଦ ପଞ୍ଚାୟତ ବାଘବାସପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ଜ୍ୟୋତିଷ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣିର ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ଦିହୁଡି ଯୋଗଦେଇ ସମିତିର ମିଶନ ଏଜୁକେଶନ ପ୍ରକଳ୍ପ ଜରିଆରେ ଗରିବ, ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ଏଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଉପସ୍ଥିତ ୩୪ ଜଣ ଛାତ୍ରୀଛାତ୍ରଙ୍କୁ ଖାତା, କଲମ, ପେନସିଲ୍, ରବର, ସ୍କେଲ ଆଦି ପାଠ୍ୟୋପକରଣ ବଣ୍ଟନ କରାଯାଇଥିଲା। ସାମାଜିକକର୍ମୀ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ଜ୍ୟୋତିଷ, ତ୍ରିପୁର କୁମାର ସାହୁ, ଦୀପକ ପ୍ରଧାନ, ବିକାଶ ଚନ୍ଦ୍ର ପ୍ରଧାନ, ଗୁଗୁଲ ପରିଡା ପ୍ରମୁଖ ସହଯୋଗ କରିଥିଲେ। ବିକାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବିଜ୍ଞାନ ପରୀକ୍ଷା ଦେଲେ ୩୧୭୭



ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରୁଛନ୍ତି।

ଅନୁଗୋଳ ଅଫିସ୍, ୩।୩

**ଜିଲାରେ ମୋଟ୍ ୮୯୮୨ ଯୁକ୍ତ ୨ ପରୀକ୍ଷାର୍ଥୀ**

ଅନୁଗୋଳ ଜିଲାରେ ୮୯୮୨ ପରୀକ୍ଷାର୍ଥୀ ଚଳିତବର୍ଷ ଯୁକ୍ତ ୨ ପରୀକ୍ଷା ଦେବେ। ତେବେ ମଙ୍ଗଳବାର ଆରମ୍ଭ ହୋଇଥିବା ଏହି ପରୀକ୍ଷାର ପ୍ରଥମ ଦିନରେ ବିଜ୍ଞାନ ବିଭାଗର ମୋଟ୍ ୩୧୭୭ ଜଣ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ପରୀକ୍ଷା ସୁପରିଚାଳନା ପାଇଁ ଗଠନ କରାଯାଇଥିବା ବିଭିନ୍ନ ସ୍କ୍ୱାଡ୍ ଓ ଜିଲାସ୍ତରୀୟ ଅଧିକାରୀମାନେ ପରୀକ୍ଷାକେନ୍ଦ୍ର ବୁଲି ପରିଚାଳନା ତଦାରଖ କରିଛନ୍ତି।

ଜିଲାରେ ଥିବା ବିଭିନ୍ନ ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି। ପ୍ରଥମ ଦିନରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୩୩୮ ଜଣଙ୍କୁ ମିଶାଇ ମୋଟ୍ ୯୪୧ ଜଣ ଏହି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ଏଥିପାଇଁ ମହାବିଦ୍ୟାଳୟର ୩ଟି ବ୍ଲକରେ ସିସିଟିଭି ଲଗାଯାଇଥିବା ଅଧ୍ୟକ୍ଷ ଉଦୟନାଥ ବେହେରା କହିଛନ୍ତି। ସେହିପରି ମହିଳା ମହାବିଦ୍ୟାଳୟରେ ୬୬ ଜଣ ଛାତ୍ରୀ ଥିବାବେଳେ ଅନ୍ୟ ଏକ ମହାବିଦ୍ୟାଳୟକୁ ଟ୍ୟାଗ୍ କରାଯାଇଥିବାରୁ ମୋଟ୍ ୧୧୬ ପରୀକ୍ଷାର୍ଥୀ ଏଠାରେ ପରୀକ୍ଷା ଦେଇଥିବା ଅଧ୍ୟକ୍ଷା ସଙ୍ଗୀତା ଦାସ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରେ ମୋଟ୍ ୮ ହଜାର ୯୮୨ ଜଣ ପରୀକ୍ଷାର୍ଥୀ ଚଳିତବର୍ଷ ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ଆୟୋଜିତ ହେଉଥିବା ପରୀକ୍ଷା ଦେଉଛନ୍ତି। ବିଜ୍ଞାନରେ ଜିଲାରେ ୩୧୭୭ ଜଣ ଥିବାବେଳେ କଳାରେ ୫୧୯୩ ଓ ବାଣିଜ୍ୟରେ ୫୦୯ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ଭୋକେସନାଲ୍‌ରେ ୧୫୭ ଜଣ ପରୀକ୍ଷାର୍ଥୀ ଥିବା ଜଣାପଡ଼ିଛି। ଜିଲାରେ ମୋଟ ୮ଟି ପ୍ରଶ୍ନପତ୍ର ରଖିବାକୁ ହବ୍ କରାଯାଇଛି। ଏହି ହବ୍ ଗୁଡ଼ିକୁ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରଖାଯାଉଛି ବୋଲି ସୂଚନା ମିଳିଛି।

# ଖୁଚୁରା ମଦ ଦୋକାନ ଖୋଲିବାକୁ ବିରୋଧ

ଛେଣ୍ଡିପଦା,୩।୩(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ପାଟକୁମୁଣ୍ଡା ପଞ୍ଚାୟତ ଭାଲୁଖାଇଡ଼ିପ ଠାରେ ପ୍ରସ୍ତାବିତ ଖୁଚୁରା ମଦ ଦୋକାନ ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ବିରୋଧ କରିଛି ଭାଲୁଖାଇଡ଼ିପ ଆଞ୍ଚଳିକ ମହିଳା ମଞ୍ଚ। ଏ ନେଇ ମଙ୍ଗଳବାର ମଞ୍ଚ ସଭାନେତ୍ରୀ ଟୁନୀ ସାହୁଙ୍କ ଆବାହକତ୍ୱରେ ୧୯ଟି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ଗ୍ରାମ୍ୟ କମିଟିର ସଦସ୍ୟାମାନଙ୍କୁ ନେଇ ଭାଲୁଖାଇଡ଼ିପ ପ୍ରାଥମିକ ବିଦ୍ୟାଳୟଠାରେ ଏକ ବୈଠକ ବସିଥିଲା। ବୈଠକରେ ମଦ ଦୋକାନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ବୁଧବାର ଅନୁଗୋଳ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଅବକାରୀ ଅଧୀକ୍ଷକ, ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଭାଲୁଖାଇଡ଼ିପରେ ଯଦି ମଦ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଦସ୍ୟାମାନେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଲୁଖାଇଡ଼ିପ ଆଞ୍ଚଳିକ କମିଟି ସମ୍ପାଦିକା ଅନା ବିଶ୍ୱାଳ, କୋଷାଧ୍ୟକ୍ଷ ସବିତା ସାହୁ, ପିଙ୍କି ସାହୁ, କୁନୀ ସାହୁ, ତପସ୍ୱିନୀ ସାହୁ, ସୁଜାତା ସାହୁ, ସବିତା ସାହୁ, ବାସନ୍ତୀ ସାହୁ, ଜାତକ ସାହୁ, ବିନତୀ ସାହୁଙ୍କ ସମେତ ୧୯ଟି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ଗ୍ରାମବାସୀ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା।

# ହ୍ରାସ ପାଉଛି କେନ୍ଦୁପତ୍ର ଉତ୍ପାଦନ

କଣିହାଁ,୩।୩(ଡି.ଏନ.ଏ.)



କଟେଇ ହୋଇ ନ ଥିବା କେନ୍ଦୁ ଗୋଛା।

- ଏଯାଏ ଆରମ୍ଭ ହୋଇନି ଗୋଛା କଟେଇ
- ସ୍ୱାବଲମ୍ବୀ ହେବାକୁ ଚାହିଁ ବସିଛନ୍ତି ଶ୍ରମିକ
- ବିଳମ୍ବ ନେଇ ବଢୁଛି ଅସନ୍ତୋଷ

ଫେବୃୟାରୀ ଯାଇ ମାର୍ଚ୍ଚ ହେଲାଣି। ହେଲେ ଏଯାଏ ତାଳଚେର ଉପଖଣ୍ଡରେ ଆରମ୍ଭ ହୋଇନି କେନ୍ଦୁପତ୍ର ଉତ୍ପାଦନ। ଗତବର୍ଷ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇପାରି ନ ଥିବା ବେଳେ ଚଳିତବର୍ଷ ଗୋଛା କଟେଇରେ ଏପରି ବିଳମ୍ବ ଉତ୍ପାଦନ ହ୍ରାସ ଆଶଙ୍କାକୁ ପୁନଃ ଉଜ୍ଜୀବିତ କରିଛି। ସେହିପରି ଗୋଛା କଟା ଆରମ୍ଭ ହେଉ ନ ଥିବାରୁ ତୋଳାଳିମାନଙ୍କ ହାତକୁ ଦୁଇପଇସା ଆସିପାରୁ ନାହିଁ। ଏ ନେଇ କେନ୍ଦୁପତ୍ର ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଅନୁଗୋଳ ଜିଲା କଣିହାଁ ବ୍ଲକ ଅଞ୍ଚଳର ବହୁ ଖଟିଖିଆ କେନ୍ଦୁପତ୍ର ଉତ୍ପାଦନ ଉପରେ ନିର୍ଭରଶୀଳ। କିନ୍ତୁ ବିଭାଗୀୟ ଅବହେଳାକୁ ଯୋଗୁ ଗ୍ରାମାଞ୍ଚଳରୁ ପତ୍ରଫଡ଼ି ଦିନକୁ ଦିନ ହ୍ରାସ ପାଉଥିବାବେଳେ ଦୀର୍ଘ ୭ ବର୍ଷ ହେବ କଣିହାଁ ମହକୁମାରୁ ରେଞ୍ଜ କାର୍ଯ୍ୟାଳୟ ଉଠିଯାଇଛି। ବର୍ତ୍ତମାନ ବଜ୍ରକୋଟ ଓ ଶିପୁର ରେଞ୍ଜ କାର୍ଯ୍ୟାଳୟ ଅଧୀନରେ କାମ ଚାଲିଥିବାବେଳେ ତାଳଚେର ଉପଖଣ୍ଡରେ ଏସିଏଫ କାର୍ଯ୍ୟାଳୟ ରହିଛି। ତେବେ ଚଳିତବର୍ଷ ଉତ୍ପାଦନ ସମୟ ଗଡ଼ି ଯାଉଥିଲେ ମଧ୍ୟ ଗୋଛା କଟା ଆରମ୍ଭ ହୋଇ ନ ଥିବାରୁ ତୋଳାଳି ଶ୍ରମିକ ପାର୍ବତୀ ବାଘ, ରୀନା ମେହେର, ଜାନକୀ ବେହେରା, ପହଲି ସାହୁ, ମାଳତୀ ନାଏକ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ କହିଛନ୍ତି, ପ୍ରତ୍ୟେକ ବର୍ଷ କେନ୍ଦୁପତ୍ର ଉତ୍ପାଦନ ପାଇଁ ଫେବୃୟାରୀ ମାସରୁ ଗୋଛାକଟେଇ କରାଯାଇଥାଏ। ଚଳିତବର୍ଷ ଏଥିରେ ବହୁ ବିଳମ୍ବ କରାଯାଉଛି। ବିଭାଗୀୟ କର୍ତ୍ତୃପକ୍ଷ କାହିଁକି ଉତ୍ପାଦନ କାର୍ଯ୍ୟ ଆରମ୍ଭ କରୁନାହାନ୍ତି ତାହା ବୁଝାପଡୁ ନାହିଁ। ପ୍ରତିବର୍ଷ କେନ୍ଦୁପତ୍ର ତୋଳି ଫଡିରେ ବିକ୍ରି କରି ଆମେ ସ୍ୱାବଲମ୍ବୀ ହେଉ। ହେଲେ ଏଯାଏ ଆମ ହାତକୁ କିଛି ବି ଅର୍ଥ ଆସିପାରି ନାହିଁ। ତୁରନ୍ତ ଗୋଛାକଟା ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନ କରିବାକୁ ପଛାଇବୁ ନାହିଁ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି। କେତେଜଣ ସିଜିନାଲ କର୍ମଚାରୀ କହିଛନ୍ତି, କଣିହାଁ ବ୍ଲକର ବହୁ ପତ୍ରଫଡି ତାଳଚେର ରେଞ୍ଜରେ ସାମିଲ ହୋଇଛି। ଏବେ ତାଳଚେର ରେଞ୍ଜ କାର୍ଯ୍ୟାଳୟକୁ ମଧ୍ୟ ହଟାଇବାକୁ କିଛି ଅସାଧୁ ଅଧିକାରୀ ମସୁଧା କରୁଛନ୍ତି। ଫେବୃୟାରୀ ମାସରେ ବିଭିନ୍ନ ଫରେଷ୍ଟ ସେକ୍ସନରେ ଗୋଛା କଟା ପାଇଁ ପୂଜା ହୋଇଥିଲା। ତେବେ ଏଯାଏ କାହିଁକି ଉତ୍ପାଦନ କରାଯାଇ ନାହିଁ ତାହା କର୍ତ୍ତୃପକ୍ଷ ଦର୍ଶାଇନାହାନ୍ତି। ଗତବର୍ଷ କେନ୍ଦୁପତ୍ର ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ନ ଥିବା ବେଳେ ଚଳିତବର୍ଷ ମଧ୍ୟ ସେପରି ସମ୍ଭାବନାକୁ ଏଡ଼ାଇ ଦେଇହେଉନାହିଁ। ଏ ନେଇ ତାଳଚେର ଉପଖଣ୍ଡ କେନ୍ଦୁପତ୍ର ବିଭାଗ ଏସିଏଫ ପ୍ରକାଶ ଦାସ କହିଛନ୍ତି, ଉତ୍ପାଦନ ହ୍ରାସ ପାଇଛି। ପ୍ରତିକୂଳ ପାଣିପାଗ ସହିତ ଅନ୍ୟାନ୍ୟ କାରଣ ଯୋଗୁ ଏପରି ହେଉଛି। ତଥାପି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଚେଷ୍ଟା ଜାରି ରହିଛି। ଗୋଛା କଟେଇରେ ବିଳମ୍ବ ହୋଇଛି। ମାର୍ଚ୍ଚ ୪ରୁ ଏହା ଆରମ୍ଭ ହେବ ବୋଲି ଆଲୋଚନା କରାଯାଇଥିବା ଏସିଏଫ୍ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଯୋଗ ହେଉଛି ଆଧ୍ୟାତ୍ମିକ ଶୃଙ୍ଖଳା



**ଢେଙ୍କାନାଳ ଅଫିସ, ୩।୩:** ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଡିଇଓ ନିବେଦିତା ପାଣିଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ୫ଦିନିଆ ଯୋଗ ପ୍ରଶିକ୍ଷଣ ଶିବିର। ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଯୋଗ ହେଉଛି ଆଧ୍ୟାତ୍ମିକ ଶୃଙ୍ଖଳା। ସୁସ୍ଥ ଜୀବନ ପାଇଁ ଯୋଗ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ସୌଦାମିନୀ ଦାସ ଯୋଗ ଆତ୍ମସଂଯମୀ କରେ ବୋଲି କହିଥିଲେ। ଯୋଗ ଶିକ୍ଷକ ସୁଶୀଲ କୁମାର ପଣ୍ଡା, ସରିତା ବିଶ୍ୱାଳ ପ୍ରଶିକ୍ଷଣ ଦେଉଛନ୍ତି। କ୍ରୀଡ଼ା ଶିକ୍ଷକ ବିପିନ ବିହାରୀ ସାହୁ, ସୁବ୍ରତ ମିଶ୍ର, ସୁରେଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

**ଛେଣ୍ଡିପଦା, ୩।୩(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ୍ ଖମାର ଗ୍ରାମ ଚନ୍ଦନ ପଡ଼ିଆରେ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଗ୍ରାମ କମିଟି ସଭାପତି କୁଳମଣି ଗଡନାୟକଙ୍କ ନେତୃତ୍ୱରେ ଚାଲିଛି। ୯ଦିନିଆ ଏହି ଉତ୍ସବ ଅବସରରେ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ନିତ୍ୟଯଜ୍ଞ, ନାମଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରବକ୍ତା ପଣ୍ଡିତ ଦିବାକର ନନ୍ଦ, ଅନୁପମା ବିଶ୍ୱାଳ, ପ୍ରତାପ ନନ୍ଦ ପ୍ରବଚନ ଦେଇଥିଲେ। ହଳଧର ଗଡ଼ନାୟକ, ଚପଳା ଗଡ଼ନାୟକ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ପାରାୟଣ କମିଟି ଉପଦେଷ୍ଟା ବାବୁଲି ଗଡନାୟକ, ସଭାପତି ମନୋଜ କୁମାର ଆଚାର୍ଯ୍ୟ, ଉପସଭାପତି ଶ୍ରବଣ କୁମାର ଗଡନାୟକ, ସମ୍ପାଦକ ରଶ୍ମିରଞ୍ଜନ ମାଝି, ଗ୍ରାମ କମିଟି ସମ୍ପାଦକ ଘାସିରାମ ମାଝି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ସହଯୋଗ କରୁଛନ୍ତି।

### ଦୁର୍ଘଟଣାରେ ମହିଳା ଗୁରୁତର

**କଣିହାଁ, ୩।୩(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ବାଇପାସ ଛକରେ ମଙ୍ଗଳବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ କମରେଇ ପଞ୍ଚାୟତ ଡେଣ୍ଟିବେରଣୀ ଗ୍ରାମର ସିପ୍ରି ସେଠୀ ଗୁରୁତର ହୋଇଛନ୍ତି। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ସୂଚନା ପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ଏ ନେଇ ନଂ. ୩୧/୧୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଭୁଶୁଡ଼ିଲା ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ



ଭୁଶୁଡ଼ି ପଡ଼ିଥିବା ପ୍ରକଳ୍ପ।

## ପରଜଙ୍ଗ ବ୍ଲକରେ ତୃତୀୟ ଘଟଣା

ପରଜଙ୍ଗ ବ୍ଲକରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଭୁଶୁଡ଼ିବା ନୂଆକଥା ନୁହେଁ। ଗତବର୍ଷ କୁଆଲୋ, କଙ୍କଡ଼ାସୋଡ଼ାରେ ସମାନ ଘଟଣା ଘଟିଥିଲା। ନିମ୍ନମାନର କାମ, ବ୍ୟାପକ ଅନିୟମିତତା, ଅଧିକାରୀଙ୍କ ପାରଦର୍ଶିତାର ଅଭାବ ଯୋଗୁ ଏପରି ଘଟଣାର ପୁନରାବୃତ୍ତି ହେଉଛି। ଏହାଦ୍ୱାରା ଲକ୍ଷ୍ୟ ପୂରଣ ଅଧୁରା ରହୁଥିବାବେଳେ କୋଟି କୋଟି ଟଙ୍କା ପାଣିରେ ପଡୁଛି। ସମସ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀ, ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

- ଅଳ୍ପକେ ବର୍ତ୍ତିଗଲେ ଶ୍ରମିକ
- ନିମ୍ନମାନର କାମ ଅଭିଯୋଗ
- ଖରାଦିନେ ବଢ଼ିବ ଜଳକଷ୍ଟ

**ପରଜଙ୍ଗ, ୩।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ଅଧୀନ କଟାବାହାଳ ଗ୍ରାମରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ମଙ୍ଗଳବାର ଭୁଶୁଡ଼ି ପଡ଼ିଛି। ଘଟଣା ସ୍ଥଳରେ କାର୍ଯ୍ୟରତ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ନିମ୍ନମାନର କାମ ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଟାଙ୍କି କାର୍ଯ୍ୟକ୍ଷମ ହେଲେ ୫୦୦ରୁ ଊର୍ଦ୍ଧ୍ୱ ପରିବାର ଖରାଦିନେ ଜଳକଷ୍ଟରୁ ମୁକ୍ତିପାଇବେ ବୋଲି ଆଶା ବାନ୍ଧିଥିଲେ। ହେଲେ ଟାଙ୍କି ଭୁଶୁଡ଼ିଯିବା ପରେ ସେମାନଙ୍କ ସବୁ ଆଶା ମଉଳି ଯାଇଥିବା ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପ ଲାଗି ୧ କୋଟି ଟଙ୍କାର ଟେଣ୍ଡର ହୋଇଥିଲା। ଈଶ୍ୱର ଚନ୍ଦ୍ର ଦଣ୍ଡପାଟଙ୍କ ନାମରେ ବିଭାଗ ତରଫରୁ ଏହାର ଏଗ୍ରିମେଣ୍ଟ କରାଯାଇଛି। ହେଲେ ପେଟି କଣ୍ଟ୍ରାକ୍ଟରଙ୍କ ସହାୟତାରେ ୭ରୁ ଊର୍ଦ୍ଧ୍ୱ ଭାଗୀଦାରି ହୋଇ ଏହି କାର୍ଯ୍ୟ କରୁଥିଲେ। ଉକ୍ତ ପାଣି ଟାଙ୍କିର ବିମ୍ କାର୍ଯ୍ୟ ଶେଷ ହୋଇଥିବାବେଳେ ଛାତ ପଡୁଥିଲା। ହେଲେ ସିଣ୍ଟରିଂ ଦବି ଯିବାରୁ ପ୍ରକଳ୍ପ ଭୁଶୁଡ଼ି ପଡ଼ିଛି। ଘଟଣା ପ୍ରଘଟ ହେବା ପରେ ଏହାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଛି। ରାତାରାତି ଶ୍ରମିକ ଲଗାଇ ପକାଯାଇଥିବା କଂକ୍ରିଟ୍ ଢଳେଇ ଭଙ୍ଗାଯାଉଥିବା ଗ୍ରାମବାସୀ କହିଛନ୍ତି।

ଏ ନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀ-୧ ତ୍ରିଲୋଚନ ପ୍ରଧାନ କୁହନ୍ତି, ନିର୍ମାଣାଧୀନ ପାଣି ଟାଙ୍କିର ମଧ୍ୟଭାଗରେ ସିଣ୍ଟରିଂ ଦବିଯିବାରୁ ଏହାର ଛାତ ଭୁଶୁଡ଼ି ପଡ଼ିଛି। ତାଙ୍କୁ ଭଙ୍ଗାଯାଇ ପୁନର୍ବାର ନିର୍ମାଣ କରାଯିବ। ତେବେ ନିମ୍ନମାନର କାମକୁ ସେ ଅସ୍ୱୀକାର କରିଛନ୍ତି। ହେଲେ ପେଟି କଣ୍ଟ୍ରାକ୍ଟରଙ୍କ ଯୋଗୁ କାମ କରିବାରେ ସମସ୍ୟା ହେଉଥିବା ସେ ସ୍ୱୀକାର କରିଛନ୍ତି।

# ପୋଷ୍ୟ ଗ୍ରାମର ବିକାଶ ଚିନ୍ତା



- ଗ୍ରାମବାସୀଙ୍କୁ ସଚେତନ କରାଇଲେ ଛାତ୍ରୀଛାତ୍ର
- ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ

**ଭୁବନ, ୩।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ୫ ପୋଷ୍ୟ ଗ୍ରାମରେ ଦୁଇଦିନ ଧରି ବାଣ୍ଟିଛନ୍ତି ସଚେତନ ବାର୍ତ୍ତା। ଗ୍ରାମବାସୀ କିପରି ନିରୋଗ ରହିବେ, ପିଲାମାନଙ୍କୁ ବିଦ୍ୟାଳୟ ମୁହାଁ କରାଇବେ ଏବଂ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବେ ସେ ନେଇ ପ୍ରତି ପରିବାର ସଦସ୍ୟ ସଚେତନ ହେବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ଏପରି ମହତ୍ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ଉନ୍ନତ ଭାରତ ଅଭିଯାନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଲେଜ ପକ୍ଷରୁ ପୋଷ୍ୟ ଗ୍ରହଣ କରାଯାଇଥିବା ଗଡ଼ଗହମପୁର, ବାଉଁଶକଣ, ଅନନ୍ତପୁର, ପୁରୁଷୋତ୍ତମପୁର ଏବଂ ନୀଳକଣ୍ଠପୁର ଗ୍ରାମରେ ଦୁଇଦିନ ଧରି ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏଥିପୂର୍ବରୁ କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରେ ପୋଷ୍ୟଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ପରାମର୍ଶ ଦିଆଯାଇଥିଲା। ଏ ନେଇ ବିଭିନ୍ନ ବିଷୟରେ ତାଲିମ ଦିଆଯାଇଥିଲା। ଅଭିଯାନର ସଂଯୋଜକ ଅଧ୍ୟାପକ ଅଲେଖ ଚନ୍ଦ୍ର ପାତ୍ର, ବିଜୟ ଦାସ, ଅନିଲ ଧୀର, ହୃଦାନନ୍ଦ ବେହେରା, ଦୀପାରାଣୀ ସାମଲ ପ୍ରମୁଖ ସହଯୋଗ କରିଥିଲେ। ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଏ ନେଇ କଲେଜ ଅଧ୍ୟକ୍ଷ କୁହନ୍ତି, ଯୁବପିଢ଼ି ଚାହିଁଲେ ଗ୍ରାମର ବିକାଶ ହୋଇପାରିବ। ଏଥିଲାଗି ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏପରି ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଗାମୀ ଦିନରେ ପୋଷ୍ୟଗ୍ରାମରେ ନିୟମିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସେ ସୂଚନା ଦେଇଛନ୍ତି।

# କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ଧାରଣାରେ ବସିଥିବା କେନ୍ଦୁପତ୍ର ସଂଘର କର୍ମଚାରୀମାନେ।

**ଆଠମଲ୍ଲିକ,୩।୩(ଡି.ଏନ.ଏ.)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ଆଠମଲ୍ଲିକ ଡିଭିଜନ ଶାଖା ପକ୍ଷରୁ ୭ଦଫା ଦାବିରେ ମଙ୍ଗଳବାର ସ୍ଥାନୀୟ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସିସିଏଫ୍ ଦେଇଥିବା ପ୍ରସ୍ତାବ ଅନୁଯାୟୀ ୨୦୧୯ରୁ ଦରମା ଧାର୍ଯ୍ୟ କରିବା, ପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକଙ୍କୁ ଶ୍ରମିକ ମଙ୍ଗଳ ପାଣ୍ଠିରୁ ଦିଆଯାଉଥିବା ସହାୟତା କାର୍ଯ୍ୟକାରୀ, କେନ୍ଦୁପତ୍ର ବିକ୍ରୟ ନୀତିରେ ସଂଶୋଧନ, କେନ୍ଦୁପତ୍ରରୁ ଜିଏସଟି ପ୍ରତ୍ୟାହାର, ସର୍କଲ ଚେକର, ଚେକର ପଦବୀଗୁଡିକ ପ୍ରମୋସନ ଭିତ୍ତିରେ ପୂରଣ କରିବା, ତୋଳାଳିଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ, ସିଜିନାଲ କର୍ମଚାରୀଙ୍କ ଗସ୍ତ ଖର୍ଚ୍ଚ ବୃଦ୍ଧି, ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ, ଇପିଏଫ ଓ ଜାତୀୟ ପେନସନ୍ ଯୋଜନା ଲାଗୁ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲ। ଆସନ୍ତା ୧୦ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ୧୧ ତାରିଖରୁ ବାମୁର ଏବଂ ବଇଣ୍ଡାରେ ରାସ୍ତାରୋକୋ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଠମଲ୍ଲିକ ଡିଭିଜନ ଶାଖା ସମ୍ପାଦକ ବିନୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ୭ଟି କାର୍ଯ୍ୟାଳୟର ସମ୍ପାଦକ, ମୁନ୍‌ସୀ, ସର୍କଲ ଚେକର, ହେଡ ଚେକର, ଚପରାସି ପ୍ରମୁଖ ଏହି ଧାରଣାରେ ସାମିଲ ଥିଲେ।

### ବିଦ୍ୟୁତ୍ ତାର ଟାଣିବା ବେଳେ ଗଣ୍ଡଗୋଳ

**ଅନୁଗୋଳ ଅଫିସ୍, ୩।୩**

ଅନୁଗୋଳ ସହର ଉପକଣ୍ଠ ଶାବଳଭଙ୍ଗା ଶ୍ୟାମସୁନ୍ଦରପୁରରେ ବିଜୁଳି ଖୁଣ୍ଟରୁ ତାର ଟାଣିବା ସମୟରେ ଗଣ୍ଡଗୋଳ ହୋଇଛି। ଏହି ଘଟଣାରେ ଅନୁଗୋଳ ପୋଲିସ ଶ୍ୟାମସୁନ୍ଦରପୁରର ରସାନନ୍ଦ ନାଏକ ଓ ତାଙ୍କ ସ୍ତ୍ରୀ ରଶ୍ମିତା ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଉକ୍ତ ଗ୍ରାମର ଜାନକୀ ନାଏକଙ୍କ ଘରକୁ ବିପିଏଲ୍ ଖୁଣ୍ଟରୁ ତାର ଟଣାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ତେବେ କୌଣସି କାରଣରୁ ତାର ଛିଣ୍ଡିଯିବାରୁ ଅନ୍ୟ ଜଣଙ୍କୁ ଡାକି ଜାନକୀ ପୁଣି ତାର ସଂଯୋଗ କରୁଥିଲେ। ଏହି ସମୟରେ ରାସାନନ୍ଦ ଓ ତାଙ୍କ ସ୍ତ୍ରୀ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିବା ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବା ସହ ମାଡ଼ପିଟ୍ କରିଥିଲେ। ଏ ନେଇ ଜାନକୀ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

### ପରୀକ୍ଷା ଦେଲେ ୨୫୮ ଛାତ୍ରୀଛାତ୍ର

**କଣିହାଁ, ୩।୩(ଡି.ଏନ.ଏ.)**

ସାରା ରାଜ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଯୁକ୍ତ ୨ ବିଜ୍ଞାନ ପରୀକ୍ଷା। କଣିହାଁ ବ୍ଲକରେ ପ୍ରଥମ ଦିନରେ ୨୫୮ ବିଜ୍ଞାନ ଛାତ୍ରୀଛାତ୍ର ମାତୃଭାଷା ଓଡ଼ିଆରେ ପରୀକ୍ଷା ଦେଇଛନ୍ତି। ୫ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। କଣିହାଁ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଆଲୋକ ପାତ୍ର କହିଛନ୍ତି, ଆମ କଲେଜର ୬୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। କେହି ଅନୁପସ୍ଥିତ ନାହାନ୍ତି। ସେହିପରି ପବିତ୍ରନଗର କଲେଜ ଅଧ୍ୟକ୍ଷ ଧନେଶ୍ୱର ନାୟକ କହିଛନ୍ତି, ୮୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୪ ପରୀକ୍ଷା ଦେଇଛନ୍ତି। କୁଲୁମା କଲେଜ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳ କହିଛନ୍ତି, ୮୧ ପରୀକ୍ଷା ଦେଇଥିବାବେଳେ ଜଣେ ଅନୁପସ୍ଥିତ ଅଛନ୍ତି। ରେଙ୍ଗାଳି କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ଦାସଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାବେଳେ ଅନ୍ୟତମ ଅଧିକାରୀ କହିଛନ୍ତି, ୨୫ଜଣଙ୍କ ମଧ୍ୟରୁ ୨୪ ଜଣ ପରୀକ୍ଷା ଦେଇଥିଲେ। ଅନ୍ୟପକ୍ଷରେ ବ୍ଲକରେ ଥିବା ୪ଟି ଯୁକ୍ତ ୨କଲେଜରେ ପ୍ରଶ୍ନପତ୍ର ଖୋଲିବାଠାରୁ ଆରମ୍ଭ କରି ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ କୌଣସି ଭାରପ୍ରାପ୍ତ ଅନୁ ନିରୀକ୍ଷକଙ୍କ ଦେଖା ମିଳି ନ ଥିଲା। ଏହାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ହାବିଲଦାର, କନଷ୍ଟେବଲ ସ୍ତରରେ ଅଦଳବଦଳ

**ଅନୁଗୋଳ ଅଫିସ୍, ୩।୩**

ଅନୁଗୋଳ ପୋଲିସ ପ୍ରଶାସନ ପକ୍ଷରୁ ୧୦ ହାବିଲଦାର ଏବଂ ୨୩ କନଷ୍ଟେବଲଙ୍କୁ ଅଦଳବଦଳ କରାଯାଇଛି। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟ ସହ ଏସ୍‌ଡିପିଓ କାର୍ଯ୍ୟାଳୟ ଓ ସମସ୍ତ ଥାନାକୁ ସୂଚନା ପ୍ରଦାନ କରାଯାଇଛି। ବଅଁରପାଳ ଥାନାରେ ହାବିଲଦାର ଥିବା ପ୍ରମୋଦ ନାଏକଙ୍କୁ ବନ୍ତଳା ଥାନା, ବନ୍ତଳା ଥାନାରେ ଥିବା ଲକ୍ଷ୍ମୀଧର ବେହେରାଙ୍କୁ ନିଶା ଥାନା, ଏନର୍ଜି ଥାନାରେ ଥିବା ସୁଧାକର ଅମାନ୍ତଙ୍କୁ ଜରପଡ଼ା ଥାନା, ଜରପଡ଼ା ଥାନାରେ ଥିବା ଯୁଗଳକିଶୋର ସାହୁଙ୍କୁ ବଅଁରପାଳ ଥାନା, କିଆକଟା ଥାନାରେ ଥିବା ଜଳେଶ୍ୱର ପରିଡ଼ାଙ୍କୁ ଅନୁଗୋଳ ଥାନା, ତାଳଚେର ଥାନାରେ ଥିବା ସୁଧୀର କୁମାର ମହାନ୍ତିଙ୍କୁ ଅନୁଗୋଳ ଥାନା, ଅନୁଗୋଳ ଥାନାରେ ଥିବା ସେକ୍ ମହମ୍ମଦଙ୍କୁ ବିକ୍ରମପୁର ଥାନା, ଆଠମଲ୍ଲିକ ଥାନାରେ ଥିବା ଦେବେନ୍ଦ୍ର ସାହୁଙ୍କୁ ହଣ୍ଡପା ଥାନା, କଣିହାଁ ଥାନାରେ ଥିବା ଅଶୋକ କୁମାର ସାହୁଙ୍କୁ କଲିୟରୀ ଥାନା ଏବଂ ପ୍ରଶାନ୍ତ କୁମାର ଦେହୁରୀଙ୍କୁ ତାଳଚେର ଥାନାକୁ ବଦଳି କରାଯାଇଛି। ସେହିପରି କନଷ୍ଟେବଲ ସରୋଜ ଶତପଥୀଙ୍କୁ ଅନୁଗୋଳ ଥାନା, ଦେବରାଜ ସାହୁଙ୍କୁ ବନ୍ତଳା ଥାନା, ଜିତେନ୍ଦ୍ର କୁମାର ପ୍ରଧାନଙ୍କୁ ଜରପଡ଼ା ଥାନା, ମିନତି ତ୍ରିପାଠୀ ଓ ରଶ୍ମିତା ଭୋଇଙ୍କୁ ଅନୁଗୋଳ କୋର୍ଟ, ଅଭୟ କୁମାର ନାୟକଙ୍କୁ ଅନୁଗୋଳ ଥାନା, ସୂର୍ଯ୍ୟକାନ୍ତ ଦେହୁରୀଙ୍କୁ ଅନୁଗୋଳ ଏସ୍‌ଡିପିଓ କାର୍ଯ୍ୟାଳୟ, କୁନି ସାମଲଙ୍କୁ ନାଲ୍‌କୋ ଥାନା, ଜଗନ୍ନାଥ ବିଶ୍ୱାଳଙ୍କୁ ତାଳଚେର ଏସ୍‌ଡିପିଓ କାର୍ଯ୍ୟାଳୟ, ଅରବିନ୍ଦ ଦେହୁରୀଙ୍କୁ ଠାକୁରଗଡ଼ ଥାନା, ଚପଳା ସାହୁଙ୍କୁ ଆଠମଲ୍ଲିକ କୋର୍ଟ, କୋଇଲି କିଷାନ୍‌ଙ୍କୁ ତାଳଚେର କୋର୍ଟ, ବିଶ୍ୱଜିତ ସିଂସାମନ୍ତଙ୍କୁ ହଣ୍ଡପା ଥାନା, ଯଶବନ୍ତ ମହାକୁଡ଼ଙ୍କୁ କିଆକଟା ଥାନା, ପୁଷ୍ପିତା ତ୍ରିପାଠୀଙ୍କୁ ଖମାର ଥାନା, ଯଶୋବନ୍ତ ପ୍ରଧାନଙ୍କୁ କଣିହାଁ ଥାନା, ଅନାଥ ପ୍ରଧାନଙ୍କୁ ବଅଁରପାଳ ଥାନା, ଜିତେନ୍ଦ୍ର କୁମାର ସାମଲଙ୍କୁ ଅନୁଗୋଳ ଥାନା, ଶାନ୍ତିସ୍ୱରୂପ ସାହୁଙ୍କୁ ଛେଣ୍ଡିପଦା ଥାନା, ଲିଟୁ ପ୍ରଧାନଙ୍କୁ ରେଙ୍ଗାଳି ଥାନା, ଶ୍ରୀକାନ୍ତ ବିଶ୍ୱାଳଙ୍କୁ କଲିୟରୀ ଥାନା, ଗୋରେଖ ଦେହୁରୀଙ୍କୁ ନିଶା ଥାନା, ଅଭୟ କୁମାର ପ୍ରଧାନଙ୍କୁ ଜରପଡ଼ା ଥାନାକୁ ବଦଳି କରାଯାଇଛି ବୋଲି ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଯୌତୁକ ନିର୍ଯାତନା ଅଭିଯୋଗ: ୨ ଗିରଫ

**ଛେଣ୍ଡିପଦା(ସ୍ୱ.ପ୍ର)/ କଣିହାଁ (ଡି.ଏନ.ଏ.), ୩।୩:**

ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଛେଣ୍ଡିପଦା ବ୍ଲକ ଜରପଡା ଥାନା ଜେରେଙ୍ଗ ଦେହୁରୀ ସାହି ସମିତିସଭ୍ୟ ପ୍ରସନ୍ନ କୁମାର ପ୍ରଧାନଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି।

ପୋଲିସ କହିଛି, ପ୍ରସନ୍ନ ୨ୟ ସ୍ତ୍ରୀ ଗ୍ରହଣ କରି ପ୍ରଥମ ସ୍ତ୍ରୀ ଜୟନ୍ତୀ ପ୍ରଧାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏ ନେଇ ଜୟନ୍ତୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୬/୨୦ରେ ଏକ ମାମଲା ରୁଜୁ କରି ପ୍ରସନ୍ନଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ।

ସେହିପରି ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ କଣିହାଁ ବ୍ଲକ ସମଲ ଥାନା ପୋଲିସ କର୍ଣ୍ଣପାଳ ଗ୍ରାମର ସୁଶାନ୍ତ ବେହେରାଙ୍କୁ ଗିରଫ କରିଛି। ତଦନ୍ତକାରୀ ଏସ୍‌ଆଇ ରଞ୍ଜିତା ସାହୁ କହିଛନ୍ତି, ସୁଶାନ୍ତଙ୍କ ବିବାହ ୨୦୧୭ରେ ନାଲ୍‌କୋ ଥାନା ଅଞ୍ଚଳର ଜ୍ୟୋତି ବେହେରାଙ୍କ ସହ ହୋଇଥିଲା। ଯୌତୁକ ଦାବି କରି ଶାଶୁଘର ଲୋକ ନିର୍ଯାତନା ଦେଉଥିବା ଜ୍ୟୋତି ସୋମବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୦/୨୦ରେ ଏକ ମାମଲା ରୁଜୁ କରି ମଙ୍ଗଳବାର ସୁଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ସିଏଏ ବିରୋଧରେ ଗର୍ଜିଲା କଂଗ୍ରେସ

**ଢେଙ୍କାନାଳ ଅଫିସ, ୩।୩**



କାର୍ଯ୍ୟକ୍ରମରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ।

ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ସିଏଏ, ପ୍ରସ୍ତାବିତ ଏନ୍‌ଆର୍‌ସି ଏବଂ ଏନ୍‌ପିଆରକୁ ବିରୋଧ କରି ସ୍ଥାନୀୟ ଗାନ୍ଧୀ ମନ୍ଦିର ପରିସରରେ ସତ୍ୟାଗ୍ରହ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ କର୍ମୀ ଯୋଗଦେଇଥିଲେ।

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାଜ କୁମାର କିରୋଣ୍ଡ କହିଲେ, ଅତୀତରେ ଲୋକ ସଭାରେ କଂଗ୍ରେସର ୪୧୧ ସଦସ୍ୟ ଥିଲେ। ସେହି ସମୟରେ ଗୃହୀତ ପ୍ରସ୍ତାବକୁ ବିରୋଧୀ ଦଳ ସଦସ୍ୟ ରାଜ୍ୟ ସଭାରେ ନାକଚ କରିଦେଇଥିଲେ। ସେତେବେଳେ ବିଜୁ ପଟ୍ଟନାୟକ ବିରୋଧୀ ଦଳରେ ରହି ଲୋକସଭାରେ ପାରିତ ବିଲ୍‌କୁ ବିରୋଧ କରିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାର୍ଚ୍ଚ ୫ ବିଜୁ ବାବୁ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ରାଜ୍ୟ ସଙ୍ଗଠନ ସଂଯୋଜକ ସୁଦର୍ଶନ ଦାସ କହିଲେ ବ୍ୟକ୍ତିଗତ ନାଗରିକତ୍ୱ ପ୍ରମାଣ କରିବାକୁ ଯାଇ ଗରିବ, ଭୂମିହୀନ, ଆଦିବାସୀ ସମସ୍ୟା ଭୋଗିବେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ କହିଲେ, ଏପ୍ରିଲ ୧ରୁ ଆରମ୍ଭ ହେଉଥିବା ଜନଗଣନା କାର୍ଯ୍ୟକ୍ରମରେ ଏନ୍‌ପିଆର ଫର୍ମ-୨ରେ ମାତାପିତା ଏବଂ ପୂର୍ବଜଙ୍କ ସମ୍ପର୍କରେ ତଥ୍ୟ ମଗାଯାଇଛି। ଏହାକୁ ପ୍ରତ୍ୟାଖ୍ୟାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ପିସିସି ମୁଖପାତ୍ର ନରେଶ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ଧନେଶ୍ୱର ଶୁକ୍ଳ, ସୁବାସ ଚନ୍ଦ୍ର ପ୍ରଧାନ, ମାନସ ମଲ୍ଲିକ, ସୁବାସିନୀ ମହାକୁଡ, ରବିନାରାୟଣ ମହାନ୍ତି, ମମତାଞ୍ଜଳି ବେହେରା, ପ୍ରେମଶଙ୍କର ମିଶ୍ର, ଡା. ତୁଷାରକାନ୍ତି ନାୟକ ପ୍ରମୁଖ ଆଲୋଚନାରେ ଭାଗନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଜିଲା ସାଙ୍ଗଠନିକ ସମ୍ପାଦକ ରୁଦ୍ର ପ୍ରକାଶ ଶରଣ ଧନ୍ୟବାଦ ପ୍ରଦାନ କରିଥିଲେ।

# ୭୮୯ ଜଣଙ୍କୁ ଯୋଗାଯାଇଛି କାମ

**ତାଳଚେର,୩।୩(ନି.ପ୍ର.)**



ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି**

ତାଳଚେର ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ସମ୍ପର୍କିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ବୃନ୍ଦାବନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଅଙ୍କିତା ସାହୁ ୨୦୧୯-୨୦ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ। ମୋଟ୍ ୯,୬୭୨ ଜବକାର୍ଡଧାରୀଙ୍କ ମଧ୍ୟରୁ ୮୪୩ଜଣ କାମ ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୭୮୯ଜଣଙ୍କୁ କାମ ଯୋଗାଇ ଦିଆଯାଇଛି। ୯ଜଣଙ୍କୁ ଶହେଦିନର କାମ ମିଳିଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଏନ୍‌ଏସ୍‌ଏପି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ତାଳଚେର ବିଡିଓ ନେତ୍ରାନନ୍ଦ ମଲ୍ଲିକ ଜବକାର୍ଡଧାରୀମାନେ କିପରି ସରକାରୀ ସହାୟତା ପାଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ଗ୍ରାମାଞ୍ଚଳରେ ଅଣକୁଶଳୀ ଶ୍ରମିକ ଓ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କୁ ସେମାନଙ୍କ ଇଚ୍ଛା ଅନୁଯାୟୀ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଉଛି। ତଦନୁଯାୟୀ ଦୈନିକ ମଜୁରି ମଧ୍ୟ ପ୍ରଦାନ କରାଯାଉଥିବା ବିଡିଓ ସୂଚନା ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସୁବର୍ଣ୍ଣ ସାହୁ, ରଞ୍ଜନ କୁମାର ତ୍ରିପାଠୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜବକାର୍ଡଧାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

